# NATIONAL NEWS BULLETIN (ODIA)

**10 February - 2025**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକାକୁ ଆଜିଠାରୁ ଗସ୍ତରେ ଗଲେ ପ୍ରଧାନମନ୍ତ୍ରୀ ।

- ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମତ ବିନିମୟ

  –ପୁଷ୍ଟିକର ଖାଦ୍ୟ ଏବଂ ସୁସ୍ଥତା ଉପରେ ଦେଲେ ଗୁରୁତ୍ୱ

- ବେଙ୍ଗାଲୁରୁଠାରେ ବୃହତ୍ ଏରୋ ଇଣ୍ଡିଆ ଶୋ' ର ଉଦ୍‌ଘାଟନ କଲେ ପ୍ରତିରକ୍ଷାମନ୍ତ୍ରୀ

ଏବଂ

- ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ଦେଶବ୍ୟାପୀ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ-ଏମ୍‌ଡିଏର ଶୁଭାରମ୍ଭ

## ପିଏମ୍-ଫ୍ରାନ୍ସ ଭିଜିଟ୍

ଫ୍ରାନ୍ସ ଓ ଯୁକ୍ତରାଷ୍ଟ୍ର ଆମେରିକା ସହ ରଣନୈତିକ, ଅର୍ଥନୈତିକ ଓ ବୈଷୟିକ ଭାଗିଦାରୀକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ

ନରେନ୍ଦ୍ର ମୋଦୀ ଆଜି  ଏହି ଦୁଇ ଦେଶ ଗସ୍ତ କରିଛନ୍ତି। ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ବିବୃତି ଦେଇ କହିଛନ୍ତି, ତାଙ୍କର ଗସ୍ତ ଭାରତ-ଫ୍ରାନ୍ସ ରଣନୈତିକ ଭାଗିଦାରୀତା ସଂପର୍କକୁ ତ୍ୱରାନ୍ୱିତ କରିବା ସହ ୨୦୪୭ ବିକାଶ  ରୋଡମ୍ୟାପ୍ କାର୍ଯ୍ୟରେ ସମୀକ୍ଷା କରିବା ଲାଗି ସୁଯୋଗ ସୃଷ୍ଟି କରିବ ।

ଗସ୍ତର ପ୍ରଥମ ପର୍ଯ୍ୟାୟରେ ସେ ଫ୍ରାନ୍ସଠାରେ ୧୨ ତାରିଖ ପର୍ଯ୍ୟନ୍ତ ଅବସ୍ଥାନ କରିବେ।  ସେଠାରେ ସେ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀ-୨୦୨୫ରେ ଯୋଗଦେବେ। ଏହି ଗସ୍ତକାଳରେ ଶ୍ରୀ ମୋଦୀ ଫ୍ରାନ୍ସ ନେତୃବର୍ଗଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଦ୍ୱିପାକ୍ଷିକ ଆଲୋଚନା କରିବା ସହିତ ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟକୁ ଉଦ୍‌ଘାଟନ କରିବେ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରନଙ୍କ ସହ କୃତ୍ରିମ ବୁଦ୍ଧିମତା ଶିଖର ସମ୍ମିଳନୀରେ ସହ-ଅଧ୍ୟକ୍ଷତା କରିବେ । ଫ୍ରାନ୍ସରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ସଂଜୀବ କୁମାର ସିଙ୍ଗଲା ଆକାଶବାଣୀକୁ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ବିଶ୍ୱ ସ୍ତରରେ କୃତ୍ରିମ ବୁଦ୍ଧିମତା ଏବଂ ସହଯୋଗକୁ ପ୍ରୋତ୍ସାହନ ପ୍ରଦାନ କରିବ । କୃତ୍ରିମ ବୁଦ୍ଧିମତା ପାଇଁ ନୈତିକ ଏବଂ ଦାୟିତ୍ୱ ସମ୍ପନ୍ନ ମାର୍ଗଦର୍ଶିକା ପ୍ରସ୍ତୁତ କରିବାରେ ଏହି ସମ୍ମିଳନୀରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ସେ କହିଛନ୍ତି । ଶ୍ରୀ ସିଙ୍ଗଲା ଆହୁରି ମଧ୍ୟ କହିଛନ୍ତି, ଫ୍ରାନ୍ସର ମାର୍ସେଲିରେ ଭାରତର ନୂତନ କନ୍‌ସୁଲେଟ୍ ଜେନେରାଲ କାର୍ଯ୍ୟାଳୟର ଉଦଘାଟନ ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡର’ର ଢାଞ୍ଚାରେ ଏକ

ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହେବ । ସେ କହିଛନ୍ତି, ଏହି କାର୍ଯ୍ୟାଳୟ ମାର୍ସେଲିରେ ଥିବା ପ୍ରବାସୀ ଭାରତୀୟଙ୍କ ପାଇଁ ଉନ୍ନତ ସେବା ପ୍ରଦାନ କରିବା ସହିତ ଏହି ଅଞ୍ଚଳରେ ଭାରତର ରଣନୈତିକ ଉପସ୍ଥିତିକୁ ସୁଦୃଢ଼ କରିବ ।

ଫ୍ରାନ୍ସ ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ବିଭିନ୍ନ ବ୍ୟାବସାୟିକ ପ୍ରତିଷ୍ଠାନର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ବୈଠକରେ ଅଂଶଗ୍ରହଣ କରିବାର କାର୍ଯ୍ୟସୂଚୀ ରହିଛି । ଏଥିସହ ଆନ୍ତର୍ଜାତିକ ଥର୍ମୋ ନ୍ୟୁକ୍ଲିୟର୍ ଏକ୍ସପେରିମେଣ୍ଟାଲ୍ ରିଆକ୍ଟର ପ୍ରତିଷ୍ଠାନ ପରିଦର୍ଶନ କରିବେ ।

ଫ୍ରାନ୍ସ ଗସ୍ତ ଶେଷ କରି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆସନ୍ତା ୧୨ ତାରିଖ ଦିନ ଯୁକ୍ତରାଷ୍ଟ୍ର ଆମେରିକା ଗସ୍ତରେ ଯିବେ । ବାଣିଜ୍ୟ, ପ୍ରଯୁକ୍ତି ବିଦ୍ୟା ଏବଂ ବିଭିନ୍ନ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ଲକ୍ଷ୍ୟରେପ୍ରଧାନମନ୍ତ୍ରୀ ଆମେରିକାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ମତ ବିନିମୟ କରିଛନ୍ତି । ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ମିଲେଟ ଏବଂ ପନିପରିବା ର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ କିପରି ଚାପମୁକ୍ତ ହେବେ, ସେ ସଂପର୍କରେ ପରାମର୍ଶ

ଦେଇଛନ୍ତି । ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ଏବଂ ଶରୀର ସୁସ୍ଥ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି । ଶୟନ ମଧ୍ୟ ପୁଷ୍ଟି ସାଧନ ଉପରେ ନିର୍ଭର କରିଥାଏ ।

ଚିକିତ୍ସା ବିଜ୍ଞାନରେ ଶୟନର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇଥାଏ । ଏଣୁ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟ ଶୟନ କରି ଶରୀରରେ ସୁସ୍ଥତା ରକ୍ଷା କରିବା ଉଚିତ । ପ୍ରାତଃକାଳରେ ବିଦ୍ୟା ଅଧ୍ୟୟନ କରିବା ପାଇଁ ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି । ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଚାପରୁ ମୁକ୍ତ ରହିବା ଲାଗି ପ୍ରଧାନମନ୍ତ୍ରୀ କେତେଗୁଡ଼ିଏ ପନ୍ଥା ପ୍ରଦାନ କରିଥିଲେ । ସାଧାରଣତଃ ଘରେ ପରୀକ୍ଷା ନେଇ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥାଏ । ଏହି ସବୁ ଚାପରୁ ଦୂରେଇ ରହି ପରୀକ୍ଷାର ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମତ ବିନିମୟ କାଳରେ ତେଲେଙ୍ଗାନାର ଆଲୁଭେଲା ସଇତେଜା ନାମକ ଜଣେ ଛାତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଶବ୍ଦାବଳୀ ପରୀକ୍ଷା ସମୟରେ ପ୍ରୋତ୍ସାହନ ଯୋଗାଇଦେବ । ସେହିପରି ପ୍ରୀତି ବିଶ୍ୱାଳ ନାମକ ଜଣେ ଛାତ୍ରୀ ଶ୍ରୀ ମୋଦୀଙ୍କୁ ଦେଶର ପ୍ରତିଭାବାନ ଏବଂ ପରିଶ୍ରମୀ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଲାଗି କମହିଛନ୍ତି । ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ’ ଛାତ୍ରଛାତ୍ରୀମାନେ ପରୀକ୍ଷା ସମୟରେ ସୃଷ୍ଟି ହେଉଥିବା ଚାପ ଏବଂ ସନ୍ଦେହଗୁଡ଼ିକୁ ଦୂର କରି  ସକାରାତ୍ମକ ମନୋଭାବ ନେଇ ଅଧ୍ୟୟନ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ।

ଅନ୍ୟ ଜଣେ ଛାତ୍ର ପରୀକ୍ଷା ସମୟରେ ସମୟର ଉପଯୁକ୍ତ ପରିଚାଳନା ବିଷୟରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସମୟକୁ ଉପଯୁକ୍ତ ଭାବେ ଉପଲବ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସମସ୍ତ କାର୍ଯ୍ୟକୁ ତାଲିକା ପ୍ରସ୍ତୁତ କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ଆକାଶବାଣୀ, ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି । ମାନସିକ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟା ତଥା ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ କ୍ଷେତ୍ର ନେଇ ସେମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଚଳିତ ବର୍ଷ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩୬ ଜଣ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଦେଶର ବିବିଧତା ଏବଂ ଆନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଇଛି ।

## ପାର୍ଲାମେଣ୍ଟ

ସରକାର କହିଛନ୍ତି, ଦକ୍ଷତା ବିକାଶର ଲକ୍ଷ୍ୟ ହେଉଛି ଏକାଭିମୁଖୀ ଭାବେ କାର୍ଯ୍ୟ କରିବା, କ୍ଷମତା ଗଠନ ଏବଂ ଇକୋସିଷ୍ଟମ ସୃଷ୍ଟି କରିବା, ଯାହାକି ବିଦ୍ୟାଳୟରୁ ଆରମ୍ଭ ହୋଇଥାଏ । ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରୀ

ଜୟନ୍ତ ଚୌଧୁରୀ କହିଛନ୍ତି, ଦକ୍ଷତା ବିକାଶ ନେଇ ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି । ସେ କହିଛନ୍ତି ଅନେକ ରାଜ୍ୟ ସ୍ୱଦେଶୀ ଦକ୍ଷତା ବିକାଶ ସଂସ୍ଥାନ ଗଠନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସଂସ୍ଥାନ ପାଇଁ ସ୍ୱତନ୍ତ୍ର ଯୋଜନା ନଥିଲେ ମଧ୍ୟ ରାଜ୍ୟଗୁଡ଼ିକ ପକ୍ଷରୁ ଏ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟ ଯୋଜନାଗୁଡ଼ିକ ଭଳି ଏହିସବୁ ସଂସ୍ଥାନ ଗଠନ ଦିଗରେ ସରକାର ସହାୟତା ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏବଂ ଅନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଆଦିବାସୀ ଜନଜାତି, ସଂପ୍ରଦାୟ ଏବଂ ଅନ୍ୟ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ଦକ୍ଷତା ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ।

## ମହାକୁମ୍ଭ-ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଘୀ ପୂର୍ଣ୍ଣିମା ସ୍ନାନକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ରେଳଷ୍ଟେସନର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକମାନଙ୍କୁ ଶ୍ରୀ ବୈଷ୍ଣବ କହିଛନ୍ତି, ମହାକୁମ୍ଭ ନଗରୀର ୮ଟି ରେଳଷ୍ଟେସନରେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ସୁଗମ ଯାତ୍ରା ନିମନ୍ତେ ରେଳଷ୍ଟେସନ ଗୁଡ଼ିକରେ ରାଜ୍ୟ ସରକାରଙ୍କ ସହ ମିଶି କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ପ୍ରୟାଗରାଜ ଜଙ୍କ୍‌ସନ୍‌କୁ ବନ୍ଦ କରାଯାଇ ନାହିଁ । ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ ପ୍ରୟାଗରାଜ ସଂଗମ ଷ୍ଟେସନକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ଯାତାୟାତ ନିମନ୍ତେ ବନ୍ଦ ରଖାଯିବ । ମହାକୁମ୍ଭ ମେଳାର ଅନ୍ୟ ୮ଟି ଷ୍ଟେସନରେ ଯାତ୍ରୀମାନଙ୍କ ନିମନ୍ତେ ନିୟମିତ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ପରୀକ୍ଷା ପେ ଚର୍ଚ୍ଚା

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ପରୀକ୍ଷା ପେ ଚର୍ଚ୍ଚା କାର୍ଯ୍ୟକ୍ରମର ଅଷ୍ଟମ ସଂସ୍କରଣରେ ଛାତ୍ରଛାତ୍ରୀ, ଅଭିଭାବକ ଏବଂ ଶିକ୍ଷକଙ୍କ ସହ ମତ ବିନିମୟ କରିଛନ୍ତି । ଆଲୋଚନାକାଳରେ ପ୍ରଧାନମନ୍ତ୍ରୀ ମିଲେଟ ଏବଂ ପନିପରିବା ର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇଛନ୍ତି । ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମୟରେ କିପରି ଚାପମୁକ୍ତ ହେବେ, ସେ ସଂପର୍କରେ ପରାମର୍ଶ ଦେଇଛନ୍ତି । ପୁଷ୍ଟିକର ଖାଦ୍ୟର ଗୁରୁତ୍ୱ ଏବଂ ଶରୀର ସୁସ୍ଥ ଉପରେ ସେ ପ୍ରାଧାନ୍ୟ ଦେଇଛନ୍ତି । ଶୟନ ମଧ୍ୟ ପୁଷ୍ଟି ସାଧନ ଉପରେ ନିର୍ଭର କରିଥାଏ ବୋଲି ସେ କହିଛନ୍ତି ।

ଚିକିତ୍ସା ବିଜ୍ଞାନରେ ଶୟନର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇଥାଏ । ଏଣୁ ଛାତ୍ରଛାତ୍ରୀମାନେ ନିର୍ଦ୍ଧାରିତ ସମୟ ଶୟନ କରି ଶରୀରରେ ସୁସ୍ଥତା ରକ୍ଷା କରିବା ଉଚିତ । ପ୍ରାତଃକାଳରେ ବିଦ୍ୟା ଅଧ୍ୟୟନ କରିବା ପାଇଁ ଶ୍ରୀ ମୋଦୀ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଛନ୍ତି । ପରୀକ୍ଷା ସମୟରେ ଛାତ୍ରଛାତ୍ରୀମାନେ ସମ୍ମୁଖୀନ ହେଉଥିବା ଚାପରୁ ମୁକ୍ତ ରହିବା ଲାଗି

ପ୍ରଧାନମନ୍ତ୍ରୀ କେତେଗୁଡ଼ିଏ ପନ୍ଥା ପ୍ରଦାନ କରିଥିଲେ । ସାଧାରଣତଃ ଘରେ ପରୀକ୍ଷା ନେଇ ଉତ୍ତେଜନାପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇଥାଏ । ଏହି ସବୁ ଚାପରୁ ଦୂରେଇ ରହି ପରୀକ୍ଷାର ଆହ୍ୱାନକୁ ସମ୍ମୁଖୀନ ହେବା ଲାଗି ପ୍ରଧାନମନ୍ତ୍ରୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ମତ ବିନିମୟ କାଳରେ ତେଲେଙ୍ଗାନାର ଆଲୁଭେଲା ସଇତେଜା ନାମକ ଜଣେ ଛାତ୍ରୀ କହିଛନ୍ତି, ପ୍ରଧାନମନ୍ତ୍ରୀଙ୍କ ଶବ୍ଦାବଳୀ ପରୀକ୍ଷା ସମୟରେ ପ୍ରୋତ୍ସାହନ ଯୋଗାଇଦେବ । ସେହିପରି ପ୍ରୀତି ବିଶ୍ୱାଳ ନାମକ ଜଣେ ଛାତ୍ରୀ ଶ୍ରୀ ମୋଦୀଙ୍କୁ ଦେଶର ପ୍ରତିଭାବାନ ଏବଂ ପରିଶ୍ରମୀ ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ପରାମର୍ଶ ଦେବା ଲାଗି କମହିଛନ୍ତି । ପ୍ରଶ୍ନର ଉତ୍ତରରେ ପ୍ରଧାନମନ୍ତ୍ରୀ' ଛାତ୍ରଛାତ୍ରୀମାନେ ପରୀକ୍ଷା ସମୟରେ ସୃଷ୍ଟି ହେଉଥିବା ଚାପ ଏବଂ ସନ୍ଦେହଗୁଡ଼ିକୁ ଦୂର କରି ସକାରାତ୍ମକ ମନୋଭାବ ନେଇ ଅଧ୍ୟୟନ କରିବା ଉଚିତ ବୋଲି ପରାମର୍ଶ ଦେଇଛନ୍ତି ।

ଅନ୍ୟ ଜଣେ ଛାତ୍ର ପରୀକ୍ଷା ସମୟରେ ସମୟର ଉପଯୁକ୍ତ ପରିଚାଳନା ବିଷୟରେ ପ୍ରଶ୍ନ ପଚାରିଥିଲେ। ଏହାର ଉତ୍ତରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ସମୟକୁ ଉପଯୁକ୍ତ ଭାବେ ଉପଲବ୍ଧି କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ । ସମସ୍ତ କାର୍ଯ୍ୟକୁ ତାଲିକା ପ୍ରସ୍ତୁତ କରି କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଛନ୍ତି ।

ଆକାଶବାଣୀ, ଦୂରଦର୍ଶନ, ସ୍ୱୟଂ, ସ୍ୱୟଂପ୍ରଭା, ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟର ୟୁଟ୍ୟୁବ୍ ଚ୍ୟାନେଲ୍ ଏବଂ ଶିକ୍ଷା ଓ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ସାମାଜିକ ଗଣମାଧ୍ୟମରେ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣ କରାଯାଇଛି । ମାନସିକ ସ୍ୱାସ୍ଥ୍ୟ ଠାରୁ ଆରମ୍ଭ କରି ପ୍ରଯୁକ୍ତି ବିଦ୍ୟା ତଥା

ବିଭିନ୍ନ କ୍ଷେତ୍ରର ବିଶେଷଜ୍ଞ ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରିଥିଲେ । ପରୀକ୍ଷା ପାଇଁ ପ୍ରସ୍ତୁତି ଏବଂ ଅନ୍ୟାନ୍ୟ କ୍ଷେତ୍ର ନେଇ ସେମାନେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ । ଚଳିତ ବର୍ଷ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରୁ ୩୬ ଜଣ ଛାତ୍ରଛାତ୍ରୀ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା ପାଇଁ ମନୋନୀତ ହୋଇଥିଲେ । ଏହି କାର୍ଯ୍ୟକ୍ରମ ଦେଶର ବିବିଧତା ଏବଂ ଆନ୍ତର୍ଭୁକ୍ତିର ପ୍ରକୃତ ପ୍ରତିଫଳନ ଭାବେ ବିବେଚନା କରାଯାଇଛି ।

## କର୍ଣ୍ଣାଟକ- ଏରୋ ଶୋ

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆଜି ବେଙ୍ଗାଲୁରୁଠାରେ ବୃହତ୍ ଏରୋ ଇଣ୍ଡିଆ ଶୋ' କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଛନ୍ତି । ଉଦ୍‌ଘାଟନୀ ସମାରୋହରେ ପ୍ରତିରକ୍ଷା ରାଷ୍ଟ୍ରମନ୍ତ୍ରୀ ସଂଜୟ ସେଠ୍ ଏବଂ କର୍ଣ୍ଣାଟକ ଉପମୁଖ୍ୟମନ୍ତ୍ରୀ ଡି.କେ. ଶିବକୁମାର ଉପସ୍ଥିତ ଥିଲେ । ଏହି ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ସିଂ କହିଛନ୍ତି, ଏସିଆର ଏହି ବୃହତ ଏରୋ ଇଣ୍ଡିଆ ଶୋ' କାର୍ଯ୍ୟକ୍ରମ ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଆମର ଶକ୍ତି, ସାମର୍ଥ୍ୟ ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରତିପାଦନ କରୁଛି । ଏହା ଦେଶର ଶିଳ୍ପ ଭିତ୍ତିକ ସାମର୍ଥ୍ୟ ଏବଂ ବିଶ୍ୱରେ ଭାରତର ପ୍ରଯୁକ୍ତିବିଦ୍ୟାର ବିକାଶକୁ ସୂଚାଉଛି ବୋଲି ଶ୍ରୀ ସିଂ କହିଛନ୍ତି ।

ଦେଶରେ ପ୍ରତିରକ୍ଷା ସାମଗ୍ରୀ ଗୁଡ଼ିକର ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମାଣ ଏବଂ ରୂପରେଖର ପ୍ରାଧାନ୍ୟ ଉପରେ ମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଛନ୍ତି । ପ୍ରତିରକ୍ଷା ଉତ୍ପାଦନରେ ସଂସ୍କାରମୂଳକ ପଦକ୍ଷେପ ଲାଗି

୨୦୨୫ ବର୍ଷରେ ଗୁରୁତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି । ଗବେଷଣା ଏବଂ ନବସୃଜନକୁ ପ୍ରୋତ୍ସାହିତ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ସେ ସୂଚନା ଦେଇଛନ୍ତି ।

ସେ ଆହୁରି କହିଛନ୍ତି, ଭାରତ' ପ୍ରତିରକ୍ଷା ଶିଳ୍ପ କ୍ଷେତ୍ରରେ ବିଶ୍ୱର ୫ଟି ସର୍ବୋଚ୍ଚ ରାଷ୍ଟ୍ର ମଧ୍ୟରେ ଅନ୍ୟତମ ହୋଇଛି ଏବଂ ଅର୍ଥନୈତିକ ବିକାଶ କ୍ଷେତ୍ରରେ ମଧ ପ୍ରମୁଖ ଭୂମିକା ଗ୍ରହଣ କରିପାରିଛି ।

ପ୍ରତିରକ୍ଷା ଉତ୍ପାଦନ କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାର ଅଂଶ ସ୍ୱରୂପ ଏହି କ୍ଷେତ୍ରରେ ବଜେଟ୍ ଆବଣ୍ଟନ ପରିମାଣ ଚଳିତ ବର୍ଷ ୯ ଦଶମିକ ୫/୩ ପ୍ରତିଶତକୁ ବୃଦ୍ଧି କରାଯାଇଛି । ସେହିପରି ଘରୋଇ ଉତ୍ପାଦନ ୧ ଦଶମିକ ୨/୫ ଲକ୍ଷ କୋଟି ଏବଂ ରପ୍ତାନୀ ପରିମାଣ ୨୧ ହଜାର କୋଟି ଟଙ୍କାକୁ ବୃଦ୍ଧି ପାଇଛି ।

## ଜେପି ନଡ୍ଡା

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଆଜି ଭିଡ଼ିଓ କନ୍‌ଫରେନ୍ସିଂ ମାଧ୍ୟମରେ ଦେଶବ୍ୟାପୀ ଫାଇଲେରିଆ ରୋଗର ନିରାକରଣ ନିମନ୍ତେ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ-ଏମ୍‌ଡିଏର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ନଡ୍ଡା ରାଜ୍ୟସ୍ତରରେ ସମସ୍ତ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳର ପ୍ରଶାସକମାନଙ୍କୁ ଏହି ଅଭିଯାନକୁ ସୂଚାରୁ ରୂପେ  ପରିଚାଳନା କରିବାକୁ ଆହ୍ୱାନ ଦେଇଛନ୍ତି । ରାଜନେତା ଏବଂ ପ୍ରଶାସନିକ ସ୍ତରୀୟ ଅଧିକାରୀମାନେ ଚିହ୍ନଟ ଜିଲ୍ଲାଗୁଡ଼ିକରେ ଫାଇଲେରିଆ ରୋଗର ନିରାକରଣ ପାଇଁ ପଦକ୍ଷେପ ନେବେ । ଫାଇଲେରିଆ ରୋଗ ବିରୋଧରେ ଭାରତର ମୁକାବିଲାକୁ ତ୍ୱରାନ୍ୱିତ

କରିବା ଏହି ଅଭିଯାନର ଲକ୍ଷ୍ୟ ବୋଲି ଶ୍ରୀ ନଡ୍ଡା କହିଛନ୍ତି। ନିର୍ବାଚିତ ପ୍ରତିନିଧି ବିଶେଷକରି ବିଧାୟକ ଏବଂ ପଞ୍ଚାୟତିରାଜ ସଂସ୍ଥା ଏବଂ ପରିଷଦର କର୍ମକର୍ତ୍ତାମାନେ ଏହି ଅଭିଯାନରେ ସକ୍ରିୟ ଅଂଶ ଗ୍ରହଣ କରିବାକୁ ଶ୍ରୀ ନଡ୍ଡା ଆହ୍ୱାନ ଦେଇଛନ୍ତି।

## ପାର୍ଲାମେଣ୍ଟ

ସରକାର କହିଛନ୍ତି, ଦକ୍ଷତା ବିକାଶର ଲକ୍ଷ୍ୟ ହେଉଛି ଏକାଭିମୁଖୀ ଭାବେ କାର୍ଯ୍ୟ କରିବା, କ୍ଷମତା ଗଠନ ଏବଂ ଇକୋସିଷ୍ଟମ ସୃଷ୍ଟି କରିବା, ଯାହାକି ବିଦ୍ୟାଳୟରୁ ଆରମ୍ଭ ହୋଇଥାଏ । ଲୋକସଭାରେ ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରୀ ଜୟନ୍ତ ଚୌଧୁରୀ କହିଛନ୍ତି, ଦକ୍ଷତା ବିକାଶ ନେଇ ଜାତୀୟ ଶିକ୍ଷାନୀତି ୨୦୨୦ରେ ପ୍ରାଧାନ୍ୟ ଦିଆଯାଇଛି । ସେ କହିଛନ୍ତି ଅନେକ ରାଜ୍ୟ ସ୍ୱଦେଶୀ ଦକ୍ଷତା ବିକାଶ ସଂସ୍ଥାନ ଗଠନ କରିଛନ୍ତି । କେନ୍ଦ୍ର ସରକାରଙ୍କ ପକ୍ଷରୁ ଏହି ସଂସ୍ଥାନ ପାଇଁ ସ୍ୱତନ୍ତ୍ର ଯୋଜନା ନଥିଲେ ମଧ୍ୟ ରାଜ୍ୟଗୁଡ଼ିକ ପକ୍ଷରୁ ଏ କ୍ଷେତ୍ରରେ ପଦକ୍ଷେପ ଗ୍ରହଣ କରାଯାଇଛି । ଅନ୍ୟ ଯୋଜନାଗୁଡ଼ିକ ଭଳି ଏହିସବୁ ସଂସ୍ଥାନ ଗଠନ ଦିଗରେ ସରକାର ସହାୟତା ଯୋଗାଇ ଦେବେ ବୋଲି ମନ୍ତ୍ରୀ କହିଛନ୍ତି ।

ମନ୍ତ୍ରୀ ଶ୍ରୀ ଚୌଧୁରୀ କହିଛନ୍ତି ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଏବଂ ଅନ୍ୟ କାର୍ଯ୍ୟକ୍ରମ ମାଧ୍ୟମରେ ସରକାର ଆଦିବାସୀ ଜନଜାତି, ସଂପ୍ରଦାୟ ଏବଂ ଅନ୍ୟ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ଦକ୍ଷତା ବିକାଶ ପାଇଁ କାର୍ଯ୍ୟ କରୁଛନ୍ତି ।

## ମହାକୁମ୍ଭ-ରେଲୱେ

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମାଘୀ ପୂର୍ଣ୍ଣିମା ସ୍ନାନକୁ ଦୃଷ୍ଟିରେ ରଖି ପ୍ରୟାଗରାଜ ରେଳଷ୍ଟେସନର ସମସ୍ତ ବ୍ୟବସ୍ଥା ଅନୁଧ୍ୟାନ କରିଛନ୍ତି । ନୂଆଦିଲ୍ଲୀଠାରେ ସାମ୍ବାଦିକମାନଙ୍କୁ ଶ୍ରୀ ବୈଷ୍ଣବ କହିଛନ୍ତି, ମହାକୁମ୍ଭ ନଗରୀର ୮ଟି ରେଳଷ୍ଟେସନରେ ସରକାରଙ୍କ ପକ୍ଷରୁ ପର୍ଯ୍ୟାପ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଶ୍ରଦ୍ଧାଳୁମାନଙ୍କ ସୁଗମ ଯାତ୍ରା ନିମନ୍ତେ ରେଳଷ୍ଟେସନ ଗୁଡ଼ିକରେ  ରାଜ୍ୟ ସରକାରଙ୍କ ସହ ମିଶି କେନ୍ଦ୍ର ସରକାର ସମସ୍ତ ସମ୍ଭାବ୍ୟ ପଦକ୍ଷେପ ଗ୍ରହଣ କରିଛନ୍ତି ।

ପ୍ରୟାଗରାଜ ଜଙ୍କ୍‌ସନ୍‌କୁ ବନ୍ଦ କରାଯାଇ ନାହିଁ । ଜିଲ୍ଲା ପ୍ରଶାସନର ସୂଚନା ଅନୁଯାୟୀ ପ୍ରୟାଗରାଜ ସଂଗମ ଷ୍ଟେସନକୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଯାତ୍ରୀମାନଙ୍କ ଯାତାୟାତ ନିମନ୍ତେ ବନ୍ଦ ରଖାଯିବ । ମହାକୁମ୍ଭ ମେଳାର ଅନ୍ୟ ୮ଟି ଷ୍ଟେସନରେ ଯାତ୍ରୀମାନଙ୍କ ନିମନ୍ତେ ନିୟମିତ ଏବଂ ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳର ବ୍ୟବସ୍ଥା କରାଯାଇଥିବା ଶ୍ରୀ ବୈଷ୍ଣବ କହିଛନ୍ତି ।

## ମଷ୍ଟ ଆନାଉନ୍ସମେଣ୍ଟ

ଆକାଶବାଣୀର ଦ୍ୱିଭାଷିକ ଫୋନ୍ ଇନ୍ କାର୍ଯ୍ୟକ୍ରମ **ପବ୍ଲିକ୍ ସ୍ପିକ୍**ରେ ଆଜି ରାତି ସାଢ଼େ ୯ଟାରେ **ସୌରଶକ୍ତିର ବ୍ୟବହାର ବୃଦ୍ଧି** ଶୀର୍ଷକ ଆଲୋଚନାର ପ୍ରଚାର କରାଯିବ । ନବକୀରଣ ଏବଂ ଅକ୍ଷୟଶକ୍ତି ମନ୍ତ୍ରଣାଳୟର ଅତିରିକ୍ତ ସଚିବ ସୁଦୀପ ଜୈନ ଏବଂ ଜାତୀୟ ସୌରଶକ୍ତି ପ୍ରତିଷ୍ଠାନର ମହାନିର୍ଦ୍ଦେଶକ ପ୍ରଫେସର ମହମ୍ମଦ ରିହାନ୍ ଏହି କାର୍ଯ୍ୟକ୍ରମରେ ଯୋଗ ଦେବେ ।  କାର୍ଯ୍ୟକ୍ରମ ସମୟରେ ଶ୍ରୋତାମାନେ

ସେମାନଙ୍କର ପ୍ରଶ୍ନ ପଚାରି ପାରିବେ । ଏଥିପାଇଁ ସେମାନଙ୍କୁ 011-23421050 ଓ 011-23314444 ନମ୍ବରକୁ ଡାଏଲ୍ କରିବାକୁ ହେବ । ଏହା ବ୍ୟତୀତ ଶ୍ରୋତାମାନେ 9289094044 ନମ୍ବରକୁ ହ୍ୱାଟ୍ସଆପ୍ ଏବଂ ସାମାଜିକ ଗଣମାଧ୍ୟମ X ରେ ହାସ୍ଟ୍ୟାଗ୍ ask air ମାଧ୍ୟମରେ ପ୍ରଶ୍ନ ପଚାରି ପାରିବେ ।